ସକାଳ THE SAKALA



## 'ପରବ' ମହୋତ୍ସବ










## ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ,

ପୋଡ଼ାଗଡ଼,୧୯।୧୨(ସମିସ) ଦଶମନ୍ତପୁର ବ୍ଲକ ଠାରୁ ଲୁଲ୍ଲା ରାସ୍ତାର ଚାରି କିମି ଦୂର ଖଜୁରଗୁଡା ଗ୍ରାମ ନିକଟରେ ଶୁକ୍ରବାର ସକାଳେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା ପାଶ୍ୱର୍ରେ ଥିବା ଗଛ ର ଧକ୍କା ହେବା ପରେ ପାଶ୍ୱର୍ରେ ଥିବା ନାଳରେ ଓଲଟି ପଡିଥିଲା । ଏଥିରେ ଟ୍ରାକ୍ଟର ଡ୍ରାଇଭର ନରି ପୂଜାରୀ (୨୨)ଙ୍କର ଘଟଣା ସ୍ଥଳରେହିଁ ମୃତ୍ୟୁ ଘଟିଥିବା ବେଳେ ରେଲି କୁଳିଶିକା (୫୦) ଗୁରୁତର ହୋଇଥିଲେ । ତାଙ୍କୁ ଦଶମନ୍ତପୁର ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଯୁବକଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି ।

## ଟ୍ରେନ୍ ଧକ୍କାରେ ଅଜଣା ଯୁବକ ମୃତ

ରାୟଗଡ଼ା,୧୯।୧୨(ସମିସ): ଟ୍ରେନ୍ ଧକ୍କାରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ରାୟଗଡ଼ା ସରକାରୀ ରେଳବାଇ ପୁଲିସ । ମିଳିଥିବା ସୂଚନା ପ୍ରକାରେ,ରାୟଗଡା ଜିଲ୍ଲାର ମୁନିଗୁଡା-ଲାଂଜିଗଡ ରୋଡ ରେଳ ସେକ୍ସନ କିମି ୨୬୧/୧୩/୧୫ ମଧ୍ୟରେ ବୁଧବାର ଦିନ ରାୟଗଡ଼ା ଅଭିମୁଖେ ଏକ ମାଲବାହୀ ଟ୍ରେନ ଆସୁଥିବା ବେଳେ ଉକ୍ତ ରେଳ ଧାରଣା ଅତିକ୍ରମ କରୁଥିବା ଜଣେ ଅଜଣା ଯୁବକ ଟ୍ରେନ ଧକ୍କାରେ ମୃତ୍ୟୁବରଣ କରିଥିଲେ । ପରେ ଟ୍ରେନର ଗାର୍ଡ ଏ ନେଇ ପୁଲିସକୁ ଅବଗତ କରିବା ପରେ ରାୟଗଡ଼ା ଜିଆରପିଏସ ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ଆଲୋକ ନାୟକଙ୍କ ନେତୃତ୍ୱରେ ତଦନ୍ତକାରୀ ଅଧିକାରୀ ଏଏସଆଇ ରମାକାନ୍ତ ଦାଶ, କନେଷ୍ଟବଳ ଚିତ୍ତ ସ୍ୱାଇଁ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଚିକିତ୍ସାଳୟକୁ ପଠାଇଥିଲେ । ମୃତ ଯୁବକ ଜଣଙ୍କ ବୟସ ୪୫ରୁ ୫୦ବର୍ଷ ମଧ୍ୟରେ ହେବାର ଅନୁମାନ କରାଯାଉଥିବା ବେଳେ ସେ କଳା ଟି ସାର୍ଟ ଓ ବ୍ଲୁ ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବା ପୋଲିସ ସୂତ୍ରରୁ ଜଣାପଡିଛି । ଏ ନେଇ ରାୟଗଡ଼ା ଜିଆରପି ଥାନାରେ କେସ ନଂ ୩୩/୧୭/୧୨/୨୦୨୫ରେ ଏକ ମାମଲା ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଶ୍ରୀ ଦାସ ପ୍ରକାଶ କରିଛନ୍ତି ।

### ଦୁଇ ଯୁବକ ସାଇବର ଠକେଇର ଶିକାର

# ବ୍ୟାଙ୍କ ଖାତାରୁ ୧ ଲକ୍ଷ ୭ ହଜାର ଟଙ୍କା ଲୁଟ୍

ଜୟପୁର,୧୯ ।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ପୁଣି ଦୁଇ ଯୁବକ ସାଇବେର ଠକେଇର ଶିକାର ହୋଇଥିବା ନେଇ ଟାଉନଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି । ପୁଲିସ ସୂଚନା ଅନୁଯାୟୀ, ଜୟପୁର ଗୋଡିଆ ଧୋବା ସାହି ଅଞ୍ଚଳର ଯୁବକ ଦେବାଶିଷ ନାୟକ ଗତ ୧୬ ତାରିଖ ଦିନ ସନ୍ଧ୍ୟା ସାଢେ ୬ ଟା ସମୟରେ ତାଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା । ମେସେଜ ପୂର୍ବରୁ ତାଙ୍କ ଏକାଉଣ୍ଟ ରହିଥିବା ବ୍ୟାଙ୍କର କଲ ସେଣ୍ଟରୁ ଫୋନ କରୁଥିବା କହି ଫୋନ ଆସିଥିଲା । ହ୍ୱାଟ୍ସ ଆପ୍ ମାଧ୍ୟମରେ ଏକ ମେସେଜ ଆସି ଏକ ଆପ୍ଲିକେସନ ଡାଉନଲୋଡ କରିବାକୁ କହିଥିଲେ । ଏହିପରି ଆପ୍ଲିକେସନ ଡାଉନସଲୋଡ କରିଥିଲେ । କିନ୍ତୁ ତାଙ୍କ ସନ୍ଦେହ ହେବାରୁ ନିଜର ଏକାଉଣ୍ଟକୁ ପରଦିନ ଅର୍ଥାତ ୧୭ ତାରିଖକେ ଯାଞ୍ଚ କରିଥିଲେ । ଏହିପରି ତାଙ୍କ ବ୍ୟାଙ୍କ ଜମାଖାତାରୁ ୯୯ ହଜାର ୯୬୦ ଟଙ୍କା ଗାଏବ ହୋଇଯାଇଥିଲା । ସେ ତୁରନ୍ତ ୧୯୩୦ ଟୋଲଫ୍ରି ନମ୍ବରକୁ ଫୋନ କରି ଜଣାଇବା ପରେ ବ୍ୟାଙ୍କ ଏକାଉଣ୍ଟକୁ ଅଚଳ କରାଯାଇଥିଲା । ସେହିପରି ଅନ୍ୟଜଣେ ସ୍ଥାନୀୟ ଅଭିଯୋଗକାରୀ ଯୁବକ ଭିକି ପାତ୍ରଙ୍କୁ ଗତମାସ ୩୦ ତାରିଖରେ ମୋବାଇଲକୁ ଫୋନ କଲ ଅସିଥିଲା । ଆପଣଙ୍କ ଏକାଉଣ୍ଟ ଭଲରେ ବ୍ୟବହାର କରୁଥିବା ଯୋଗୁଁ ଆପଣଙ୍କୁ ବ୍ୟାଙ୍କ ତରଫରୁ ୪୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା । ତେଣୁ ଉକ୍ତ ଟଙ୍କା ପାଇବା ପରେ ପ୍ରଥମେ ପ୍ରସେସିଂ ବାବଦକୁ ୭ ହଜାର ୧୩୯ ଟଙ୍କା ପଇଠ କରିବାକୁ କୁହାଯାଇଥିଲା । ସେହିପରି ଗତ କିଛି ଦିନ ପୂର୍ବରୁ ଏକ ଫୋନ ଆସିଥିଲା । ନିଜ ଜମାଖାତାରେ ପ୍ରଥମ ପୃଷ୍ଠାର ଫୋଟ ପଠାଇବାରୁ କହିବା ପରେ ସେ ଏହିପରି ପଠାଇଥିଲେ । ଏହିପରି ତାଙ୍କ ଜମାଖାତାରୁ ୭ ହଜାର ୧୩୯ ଟଙ୍କା କଟିଯାଇଥିଲା ଏବଂ ଆସନ୍ତା ୨୦୨୭ ମସିହା ପର୍ଯ୍ୟନ୍ତ କଟିବ ବୋଲି ମେସେଜ ମଧ୍ୟ ଆସିଥିଲା । କିନ୍ତୁ କିଛିଟଙ୍କା ନ ପାଇ କାହିଁକି ଏତେ ଟଙ୍କା କଟିଲା ବୋଲି ଭିକି ସନ୍ଦେହ ହେବାକୁ ଜୟପୁର ଟାଉନ୍ ଥାନାରେ ଏତଲା କ୍ରମେ ଏକ ମାମଲା ରୁଜୁ କରାଯାଇଛି । ଉଭୟ ଏତଲାକୁ ଭିତ୍ତିକରାଯାଇ ପୁଲିସ ଦୁଇଟି ପୃଥର ପୃଥକ ମାମଲା ରୁଜୁ କରିଛନ୍ତି । ଏ ନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ କହିଛନ୍ତି, ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କୁ ସରକାର, ପ୍ରଶାସନ ଏବଂ ପୁଲିସ ପକ୍ଷରୁ ସଚେତନ କରାଯାଉଥିଲେ ସୁଦ୍ଧା ଟଙ୍କା ପାଇବା ଆଶାରେ ଏହିପରି ସାଇବର ଠକାମୀର ଶିକାର ହେଉଛନ୍ତି ।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ

ରାୟଗଡା,୧୯।୧୨(ସମିସ): ରାୟଗଡ଼ା ଜିଲ୍ଲାର ୬ ଜଣ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀ ଜିଲ୍ଲା ମଧ୍ୟରେ ଅଦଳ ବଦଳ କରି ବଦଳି କରିଥିବା ଘଟଣାରେ ମଙ୍ଗଳ ବିଭାଗରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଅପରପକ୍ଷରେ ହାଇକୋର୍ଟଙ୍କ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଦେବା ପରେ ମଧ୍ୟ କୋର୍ଟର ଆଦେଶକୁ ଗ୍ରହଣ କରୁନାହାନ୍ତି ରାୟଗଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ । ବର୍ତ୍ତମାନ ରାୟଗଡା ବିଡ଼ିଓ ସୁଜିତ ମିଶ୍ର ରାୟଗଡା ଏବଂ କାଶିପୁର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୂପେ ଦାୟିତ୍ୱରେ ରହିଛନ୍ତି । ଜିଲ୍ଲାପାଳଙ୍କ ବଦଳି ଆଦେଶ ପରେ ଉଭୟ ବ୍ଲକର ଦାୟିତ୍ୱରେ ଥିବା ବିଡିଓ ଶ୍ରୀ ମିଶ୍ର ଉଭୟ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ପ୍ରକାଶ ନାୟକ ଏବଂ ଅକ୍ଷୟ କୁମାର ସାହୁଙ୍କୁ ରିଲିଭ କରି ଦେଇଥିଲେ । ଗତ ୧୭ ତାରିଖ ଦିନ ହାଇକୋର୍ଟ ନିର୍ଦ୍ଦେଶ ଆସିବା ପରେ ଉଭୟ ଡବ୍ଲ୍ୟୁଇଓ ପୁନର୍ବାର ପୂର୍ବ ସ୍ଥାନରେ ଯୋଗଦେବା ପାଇଁ ଆସିଥିଲେ ମଧ୍ୟ ବିଡିଓ ଆଦେଶକୁ ଗ୍ରହଣ କରିନଥିଲେ । ଏନେଇ ବିଡିଓ ସୁଜିତ ମିଶ୍ରଙ୍କୁ ପଚାରିବାରୁ ହାଇକୋର୍ଟ କଣ ଅର୍ଡର ଦେଇଛି ଓଲଟା ପଚାରିବା ସହ ମୋତେ କାହିଁକି ପଚାରୁଛନ୍ତି ଆପଣ ଜିଲ୍ଲାପାଳଙ୍କୁ ପଚାରନ୍ତୁ ବୋଲି ଫୋନ ରଖି ଦେଇଥିଲେ । ବିଡିଓ କୋର୍ଟର ଆଦେଶ ଗ୍ରହଣ ନ କରିବାରୁ ଏବେ ବିଭାଗରେ ଅଚଳାବସ୍ଥା ଦେଖିବାକୁ ମିଳିଛି । ଜିଲ୍ଲା ଭିତରେ ହୋଇଥିବା ବଦଳିକୁ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଗ୍ରହଣ ନ କରି ବଦଳି ଆଦେଶ ବିରୋଧରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟରେ ହୋଇଥିବା ଶୁଣାଣୀରେ ଜଷ୍ଟିସ ବିରଜା ପ୍ରସନ୍ନ ଶଥପତିଙ୍କୁ ନେଇ ଗଠିତ ଖଣ୍ଡପିଠ ଶୁଣାଣି କରି ୧୦/୧୨/୨୫ ଜିଲ୍ଲାପାଳଙ୍କ ଦ୍ୱାରା ହୋଇଥିବା ଆଦେଶକୁ ସ୍ଥଗିତ ରଖି ଅନ୍ତରୀଣ ରୋକ ଲଗାଇଛନ୍ତି । ରାଜ୍ୟପାଳଙ୍କ ସୁପାରିଶ କ୍ରମେ ଡବ୍ଲ୍ୟୁଇଓ ମାନଙ୍କ ବଦଳିକୁ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ନିର୍ଦ୍ଦେଶକ କରିଥାନ୍ତି । କିନ୍ତୁ ଜିଲ୍ଲାପାଳ ଏଭଳି ବଦଳି ଆଦେଶ ବାହାର କରିପାରିବେ ନାହିଁ ବୋଲି ଡବ୍ଲ୍ୟୁଇଓ ପ୍ରକାଶ ନାୟକ ଏବଂ ଅକ୍ଷୟ ସା।ହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ରାମନାଗୁଡା ଡବ୍ଲ୍ୟୁଇଓ ସୁସ୍ମିତ ରଥ ଏବଂ କୋଲନରା ଡବ୍ଲ୍ୟୁଇଓ ଦେବାଶିଷ ମୁଣ୍ଡ ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ରାମନାଗୁଡା ଓ କୋଲନରା ଡବ୍ଲ୍ୟୁଇଓଙ୍କ ବଦଳି ଉପରେ ଖଣ୍ଡପିଠ ଅନ୍ତରିଣ ରୋକ ଲଗାଇଥିବା ଜଣାପଡିଛି ଜାନୁଆରୀ ୫ ତାରିଖରେ ପରବର୍ତ୍ତି ଶୁଣାଣି ଯାଏଁ ଏହି ବଦଳିକୁ ସ୍ଥଗିତ ରଖିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବତନ ଜିଲ୍ଲାପାଳ ପାରୁଲ ପଟାୱରୀ ବର୍ତମାନର ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ତାଙ୍କ ପଦବିରୁ ହଟାଇଥିଲେ । ଏହାକୁ ଚ୍ୟାଲେଞ୍ଜ କରିଥିଲେ ଡିଡବ୍ଲୁଓ ଅସୀମା ରାଓ ଏବଂ ପୁନର୍ବାର ନିଜ ପଦବିକୁ ଫେରିଥିଲେ । ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଆଲୋଚନା ହୋଇଥିଲା । ବର୍ତମାନର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀଙ୍କ ଆଦେଶକୁ ୪ ଜଣ ଡବ୍ଲ୍ୟୁଇଓ ଚ୍ୟାଲେଞ୍ଜ କରିଛନ୍ତି । ଜିଲ୍ଲାପାଳଙ୍କ ଚିଠି ସଂଖ୍ୟା ୫୬୦୯/ଏକ୍ସ-୨୫ ଅନୁଯାୟି ୬ଜଣ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ବଦଳି ହୋଇଥିବା ବେଳେ ଗୁଣପୁର ଡବ୍ଲ୍ୟୁଇଓ ଗଙ୍ଗାଧର ବେହେରାଙ୍କୁ ରାମନାଗୁଡା ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା ।

## ତେନ୍ତୁଳିଖୁଣ୍ଟିରୁ ଅସହାୟ ବୃଦ୍ଧା ଉଦ୍ଧାର

ତେନ୍ତୁଳିଖୁଣ୍ଟି,୧୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ସଦର ମହକୁମାଠାରୁ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରି ସ୍ଥାନୀୟ ବୃଦ୍ଧାଶ୍ରମରେ ଆଶ୍ରୟ ଦିଆଯାଇଛି । ବ୍ଲକ ପ୍ରଶାସନର ଉପସ୍ଥିତରେ ସ୍ଥାନୀୟ ଯୁବଗୋଷ୍ଠୀ ବୃଦ୍ଧାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବୃଦ୍ଧାଶ୍ରମରେ ଆଶ୍ରୟ ଦେବାର ବ୍ୟବସ୍ଥା କରିଛନ୍ତି । ସୂଚନା ଅନୁଯାୟୀ, ତେନ୍ତୁଳିଖୁଣ୍ଟି ସଦର ଗ୍ରାମ ଯାନୀ ସାହିରେ ଜଣେ ବୃଦ୍ଧା ଅସହାୟ ଭାବେ ବୁଲୁଥିଲେ । ଏହି ସମୟରେ ଗ୍ରାମର ସମାଜସେବୀ ଲୁଲୁ ସାହୁ, କାଳିଆ ପାତ୍ର, ରୋଶନ ସିଂଘ, ବୃଦ୍ଧାଙ୍କ ନିକଟରେ ପହଞ୍ଚି ବାର୍ତାଳାପ କରିଥିଲେ । ବୃଦ୍ଧା ଜଣଙ୍କ କଳାହାଣ୍ଡି ଜିଲ୍ଲା ବନ୍ଧକନା ଗ୍ରାମର ବୋଲି କହିବା ସହ ନିଜ ନାମ ଚମରେନ ହରିଜନ ବୋଲି କହିଥିଲେ । କେମିତି ଆସିଲେ କେଉଁଠି ରହିବେ କିଛି ଜାଣିନଥିଲେ । ବୃଦ୍ଧାଙ୍କ ଏଭଳି ସ୍ଥିତି ଦେଖି ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରି ଅବଗତ କରାଯାଇଥିଲା । ଏହାପରେ ବିଡିଓ ଶ୍ରୀ ପାଣିଗ୍ରାହୀ ତୁରନ୍ତ ପହଞ୍ଚି ସ୍ଥାନୀୟ ବୃଦ୍ଧାଶ୍ରମରେ ରଖିବା ପାଇଁ ବ୍ୟବସ୍ଥା କରିଥିଲେ । ବୃଦ୍ଧାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ବୃଦ୍ଧାଶ୍ରମ ପରିଚାଳକ ହବିବ ମହମଦ, ଅଲଫା ରାଣୀ ଖାଁ ପ୍ରମୁଖ ଉପସ୍ଥିତ ଥିଲେ । ବୃଦ୍ଧା ଜଣଙ୍କ ଏହା ପୂର୍ବରୁ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ଖଣ୍ଡିଆ ଗୁଡା ଗ୍ରାମର ଏକ ଛେଳି କୁଡ଼ିଆ ଭିତରେ ଅତି ଦୟନୀୟ ଅବସ୍ଥାରେ ରହୁଥିବା ପ୍ରକାଶ କରିଛନ୍ତି । ବୃଦ୍ଧା ଜଣଙ୍କ ବୃଦ୍ଧାଶ୍ରମରେ ସବୁଦିନ ରହିବା ପାଇଁ ସହମତି ପ୍ରକାଶ କରିଛନ୍ତି ।

## କୋରାପୁଟରେ ହେବ ବହୁମୁଖୀ ବଜାର କମ୍ପ୍ଲେକ୍ସ ନିର୍ମାଣ



କୋରାପୁଟ,୧୯।୧୨(ସମିସ): କୋରାପୁଟ ସହରରେ ବହୁମୁଖୀ ବଜାର କମ୍ପ୍ଲେକ୍ସ ନିର୍ମାଣ ହେବ ବୋଲି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ଆଜି କୋରାପୁଟ ସହରରେ ରହିଥିବା ବହୁ ପୁରାତନ ମାର୍କେଟ କମ୍ପ୍ଲେକ୍ସ ପରିଦର୍ଶନ କରି ସେ ଏହା କହିଛନ୍ତି । ତୁରନ୍ତ ଡିପିଆର ପ୍ରସ୍ତୁତ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସହ କାଉନସିଲର ମାନେ ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ମହାପାତ୍ର କୋରାପୁଟ ସ୍ଥିତ ଦୈନିକ ବଜାର, ସହର ମଧ୍ୟରେ ଥିବା ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ, ଚନ୍ଦନ ପୋଖରୀ, ବସ୍‌ଷ୍ଟାଣ୍ଡ ପ୍ରଭୃତି ପରିଦର୍ଶନ କରିଥିଲେ । ଦୀର୍ଘ ଦିନରୁ ନିର୍ମିତ ହୋଇଥିବା ମାକେଟ କମ୍ପ୍ଲେକ୍ସ ଗୁଡିକୁ ଭାଙ୍ଗି ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା, ଚନ୍ଦନ ପୋଖରୀର ରୂପରେଖ ପରିବର୍ତନ କରିବା, ଗାଡି ମୋଟର ପାର୍କିଂ ପାଇଁ ପାର୍କିଂ ସ୍ଥାନ,ଆଧୁନିକ ସିନେମା ହଲ ନିର୍ମାଣ, ସହର ମଧ୍ୟରେ ଥିବା ଡ୍ରେନେଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି । ଉପରୋକ୍ତ ସମସ୍ୟା ଗୁଡିକ ଉପରେ ଯୋଜନା ପ୍ରସ୍ତୁତ କରି ଜିଲ୍ଲାପାଳ ସରକାରଙ୍କ ନିକଟକୁ ପଠାଇଲେ ସମସ୍ୟା ଗୁଡିକର ଶୀଘ୍ର ସମାଧାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## କୋଟପାଡ଼ର ଗର୍ବ ପ୍ରତାପ ରୁଦ୍ର



କୋଟପାଡ,୧୯।୧୨ (ସମିସ): କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ଅଞ୍ଚଳ ପାଇଁ ପ୍ରତାପ ରୁଦ୍ର ମିଶ୍ର ଗର୍ବ ଓ ଗୌରବ ଆଣିଛନ୍ତି । ଖବର ନେବାରୁ ଜଣାପଡିଛି ଯେ ଜିଆଇଟି ୟୁନିଭରସିଟି ଗୁଣୁପୁରରେ ବିଏସସି(କୃଷି)ରେ ୨୦୨୦ରୁ ୨୦୨୪ ମସିହାରେ ଅଧ୍ୟୟନରତ ଛାତ୍ର ପ୍ରତାପ ରୁଦ୍ର ମିଶ୍ର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଗତ ୧୪ ତାରିଖ ଦିନ ଅନୁଷ୍ଠାନ ତରଫରୁ ଆୟୋଜିତ ସମାବର୍ତ୍ତନ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସଫଳତା ହାସଲ ସମୟରେ ବିଶ୍ୱବିଦ୍ୟାଳୟର ପ୍ରିନ୍‌ସପାଲ, ସମସ୍ତ ଅଧାପ. ଅଧାପିକା ଏବଂ ସହପାଠୀ ଉପସ୍ଥିତ ଥିଲେ । ପ୍ରକାଶ ଯୋଗ୍ୟ ଯେ ପ୍ରତାପ ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ମିଶ୍ର ଓ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କ ସୁପୁତ୍ର ଅଟନ୍ତି । ନିଜ ସଫଳତାର ଶ୍ରେୟ ପାଇଁ ସେ ନିଜ ପରିବାର ଓ ଅନୁଷ୍ଠାନକୁ ପ୍ରଦାନ କରିଥିବାବେଳେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର କୃଷି ସକାଶେ ସାମଗ୍ରୀକ ଉନ୍ନତି ପାଇଁ ସର୍ବଦା ପ୍ରୟାଶରତ ରହିବି ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅବଗତ କରିଛନ୍ତି । ଏହି ସଫଳତା ପରେ କୃତି ଛାତ୍ର ଓ ପରିବାରବର୍ଗଙ୍କ ନିକଟକୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଥିବା ଖବର ହସ୍ତଗତ ହୋଇଛି ।

## ପାଇଖାନା ଭିତରୁ ଅଡିଟ୍ କର୍ମଚାରୀଙ୍କ ଶବ ଉଦ୍ଧାର !

ଲକ୍ଷ୍ମୀପୁର,୧୯।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଓଡିଶା ମାଇନିଙ୍ଗ କର୍ପୋରେସନକୁ ଏକ ଏଜେନ୍ସି ତରଫରୁ ଅଡିଟ ପାଇଁ ଆସିଥିଲେ । ଗୁରୁବାର ରାତିରେ ରାୟଗଡାରେ ରାତ୍ରିଯାପନ କରି ସକାଳେ ଲକ୍ଷ୍ମୀପୁର ସ୍ଥିତ ଓଏମ୍ସି କାର୍ଯ୍ୟାଳୟ ଆସିଥିଲେ । ଅଡିଟ ପାଇଁ ଭୁବନେଶ୍ୱରରୁ ୩ ଜଣିଆ ଟିମ୍ ଆସି ଥିଲେ । ଓଏମ୍ସି କାର୍ଯ୍ୟାଳୟ କୁ ଆସିବା ପରେ ଶ୍ରୀ ଦାସ ଉକ୍ତ କାର୍ଯ୍ୟାଳୟ ର ବାଥ୍ ରୁମ୍ ଯାଇ ଥିଲେ । ଦୀର୍ଘ ସମୟ ଧରି ବାଥ୍ ରୁମ୍ ଭିତରୁ ବାହାରି ନ ଥିଲେ । ବିଳମ୍ବ ଦେଖି କର୍ମଚାରୀ ମାନେ ଖୋଜା ଖୋଜି କରି ବାଥ୍ ରୁମ୍‌କୁ ଜବରଦସ୍ତ କବାଟ ତାଡି ଭିତରକୁ ପଶି ଥିଲେ । ସେଠାରେ ଅଚେତ ଅବସ୍ଥାରେ ପଡ଼ି ଥିବା ଦେଖି ଓଏମ୍ସି ଶାଖା ପରିଚାଳକ ବିଭୀଷଣ ମାଝୀ ଓ ଅନ୍ୟ କର୍ମଚାରୀ ମାନେ ମିଶି ତାଙ୍କୁ ଲକ୍ଷ୍ମୀପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହା ପରେ ପରିବାରର ଲୋକଙ୍କୁ ଖରବ କରା ଯାଇଥିଲା । ଖବର ଲେଖାଯିବା ପର୍ଯ୍ୟନ୍ତ ପରିବାର ଲୋକେ ପହଞ୍ଚି ନ ଥିବା ଜଣାପଡ଼ିଛି ।

## ଏକାଧିକ ଗାଡ଼ିକୁ ପିଟିଲା ମିନିଟ୍ରକ ; ୭ ବାଇକ୍ ଚୁରମାର, ଓଲଟିଲା ପିକ୍‌ଅପ ଓ କ୍ୟାସ୍ ଭ୍ୟାନ୍

କୋରାପୁଟ,୧୯।୧୨(ସମିସ): ୨୬ ନଂ ଜାତୀୟ ରାଜପଥ କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଘଟିଛି ସିରିଜ ଦୁର୍ଘଟଣା । ଏକ ମିନିଟ୍ରକ୍ ଦ୍ରୁତଗତିରେ ମାଡ଼ି ଆସି ୭ରୁ ଅଧିକ ବାଇକ୍ ସହ ମୋବାଇଲ କ୍ୟାସ୍ ଭ୍ୟାନ ଏବଂ ପିକ୍‌ଅପ ଭ୍ୟାନକୁ ଧକ୍କା ଦେଇ ଇଲେକ୍ଟ୍ରି ପୋଲରେ ପିଟି ହୋଇ ଅଟକିଥିଲା । ଦୁର୍ଘଟଣା ଫଳରେ ରାସ୍ତା ଉପରେ ଓଲଟି ପଡିଲା ମୋବାଇଲ କ୍ୟାସ ଭ୍ୟାନ୍ ସହ ଅନ୍ୟ ଏକ ପିକ୍‌ଅପ ଭ୍ୟାନ । ଅନ୍ୟପଟେ ଦୁର୍ଘଟଣାରେ ଚୁରମାର ହୋଇଗଲା ୭ଟି ବାଇକ୍ । ଇଲେକ୍ଟ୍ରି ପୋଲ ସମ୍ପୂର୍ଣ୍ଣ ଭାଙ୍ଗି ଯାଇ ଡ୍ରାଇଭର ଗୁରୁତର ଆହତ ଅବସ୍ଥାରେ ଫସି ରହିଥିଲେ । ଘଟଣା ସ୍ଥଳରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ବିଦ୍ୟୁତ୍ ତାର କାଟିବା ପରେ ଗୁରୁତର ଆହତ ଡ୍ରାଇଭରକୁ ଉଦ୍ଧାର କରାଯାଇ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ଏକ ଟିମ୍, ପୋଲିସ ସହ ପ୍ରଶାସନିକ ଅଧିକାରୀ ପହଞ୍ଚି ଉଦ୍ଧାର କରିଥିଲେ । ଦୁର୍ଘଟଣା ଯୋଗୁଁ କିଛି ସମୟ ପାଇଁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା । ପୁଲିସ ଜେସିବି ମେସିନ ସହାୟତାରେ ମୋବାଇଲ କେସ ଭ୍ୟାନ୍‌କୁ ରାସ୍ତାରୁ ହଟାଇବା ସହ ଯାତାୟାତ ସ୍ୱାଭାବିକ କରିଥିଲା । ଦୁର୍ଘଟଣା ଘଟିବା କାରଣ ଜଣା ପଡ଼ିନାହିଁ । ତେବେ ସହରର ପ୍ରବେଶ ପଥରେ ଏକ ବଡ଼ ଅଘଟଣରୁ ଅଳ୍ପକେ ଶତାଧିକ ଲୋକ ବର୍ତ୍ତି ଯାଇଛନ୍ତି ।

## ଦୁଇ ଭାଇ କଳିରେ ଆହତ ଯୁବକ ମୃତ; ୨ ଅଭିଯୁକ୍ତ ଗିରଫ

ରାୟଗଡା,୧୯।୧୨(ସମିସ): ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ମାଲିଗାଁରେ ଗତକାଲି ଧାନ କାଟିବାକୁ ଯାଇ ଭାଇ ଭାଇଙ୍କ ବିବାଦରେ ଫସି ଜଣେ ଯୁବକ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଯୁବକ ସନ୍ତୋଷ କୁଣ୍ଡୁକା ଚିକିତ୍ସାଧିନ ଅବସ୍ଥାରେ ଆଜି ମୃତ୍ୟୁବରଣ କରିଥିବା ଜଣାପଡିଛି । ସନ୍ତୋଷଙ୍କ ଘର କୋଲନରା ବ୍ଲକ ଅନ୍ତର୍ଗତ ଗୁଆକଣା ଗ୍ରାମରେ ହୋଇଥିବା ବେଳେ ସେ ରାୟଗଡା ବ୍ଲକ ମାଲିଗାଁରେ ରହି ମୂଲିଆ କାର୍ଯ୍ୟ କରୁଥିଲେ । ସେ କାମ କରୁଥିବା ଜମିରେ ଜମିର ମାଲିକାନାକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ହୋଇଥିଲା । ବିବାଦ ସମୟରେ ସନ୍ତୋଷ ଆସି ମଧ୍ୟସ୍ତତା କରୁଥିବା ବେ୍ଳେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ରାୟଗଡା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରାଯାଇଥିଲା କିନ୍ତୁ ଗରୁତର ସନ୍ତୋଷକୁ ବ୍ରହ୍ମପୁର ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ସନ୍ତୋଷଙ୍କ କେହି ସମ୍ପର୍କୀୟ ଗତକାଲି ଆସିପାରି ନଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର ହୋଇପାରିନଥିଲେ । ଏହି ଘଟଣାରେ ଚାନ୍ଦିଲି ପୁଲିସ ତଦନ୍ତ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡିଛି । ଅଭିଯୁକ୍ତ ୨ଜଣ ହେଲେ ତ୍ରିନାଥ ଚଣ୍ଡିବଂଶ ଓ ଅଭି ଚଣ୍ଡିବଂଶ । ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କ ମୃତଦେହ ହସ୍ତାନ୍ତର କରାଯାଇଥିବା ନେଇ ତଦନ୍ତକାରୀ ଏସଆଇ ବସନ୍ତ ବେହେରା ପ୍ରକାଶ କରିଛନ୍ତି ।

## କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ

ବୈପାରିଗୁଡ଼ା,୧୯।୧୨(ସମିସ): ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଚିପାକୁର ପଞ୍ଚାୟତର ଡଙ୍ଗାଧାରା ଗ୍ରାମରେ ୧୭ ତାରିଖ ଅପରାହ୍ନ ୩ଟା ବେଳେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ଯାଇଥିଲା । ଗୋଟିଏ ଧାନଖଳାରେ ନିଆଁ ଲାଗି ଗୋଟିଏ ଧାନ ଗଦାରେ ୪ ଏକରର ଅମଳ ଧାନ ପୋଡ଼ି ନଷ୍ଟ ହୋଇଯାଇଥିଲା । ନିଆଁ ଲାଗିବା କାରଣ ଅସ୍ପଷ୍ଟ ଥିବାବେଳେ ଜଣେ ଚାଷୀଙ୍କ ୪ ଏକର ଅମଳ ଧାନ ପୋଡ଼ି ପାଉଁଶ ହୋଇଯାଇଥିଲା । ଚାଷୀ ଜଣକ ହେଲେ ରମେଶ ଗୋଲରୀ । ରମେଶ ଧାର ଉଧାର କରି ଚାଷ କରିଥିବାରୁ ଋଣ ପରିଶୋଧ କିପରି କରିବେ ଚିନ୍ତାରେ ପଡ଼ିଯାଇଥିଲେ । ଧାନ ଗଦାରେ ନିଆଁ ଲାଗିବା ଖବର ପ୍ରକାଶ ପରେ ବୈପାରିଗୁଡା ତହସିଲଦାର ସ୍ନିଗ୍ଧା ଚୌଧୁରୀ ଏବଂ ଚିପାକୁର ପଞ୍ଚାୟତ ସରପଞ୍ଚ ରାଜୁ ଖିଲ ରାଜସ୍ୱ ନୀରିକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ । ଆଜି ବୈପାରିଗୁଡା ତହସିଲ କାର୍ଯ୍ୟାଳୟକୁ ଚାଷୀ ରମେଶ ଗୋଲରୀଙ୍କୁ ଡ଼କାଇ ତହସିଲଦାର ସ୍ନିଗ୍ଧା ଚୌଧୁରୀ ଏବଂ ଚିପାକୁର ସରପଞ୍ଚ ରାଜୁ ଖିଲଙ୍କ ଉପସ୍ଥିତିରେ ରେଡକ୍ରସ୍ ଫଣ୍ଡରୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା ।

# ସ୍ଥଗିତ ରହିଲା ରାଜସ୍ୱ ନିରୀକ୍ଷକ ତାଲିମ ପ୍ରତିଷ୍ଠାନ ଉଦ୍‌ଘାଟନ

### କାରଣ ଅସ୍ପଷ୍ଟ, ପ୍ରଶାସନର ବିଳମ୍ବରେ ସୂଚନା

ଜୟପୁର,୧୯ ।୧୨(ସମିସ) : କୋରାପୁଟ ଜିଲ୍ଲା ଜୟପୁର ଫୁଲବାଡ ଠାରେ ଦୀର୍ଘ ୪ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ରାଜସ୍ୱ ନିରୀକ୍ଷକ ତାଲିମ ପ୍ରତିଷ୍ଠାନ କେନ୍ଦ୍ର ନିର୍ମାଣ ହୋଇଥିଲେ ସୁଦ୍ଧା ଏହାର ଉଦ୍‌ଘାଟନ ହୋଇନଥିଲା । ଏହାର ଉଦ୍‌ଘାଟନ ପାଇଁ ଆଜି ପୂର୍ବାହ୍ନ ୧୧ଟା ସମୟ ନିର୍ଦ୍ଧାରିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦାନ ସହିତ ଉଦଘାଟନ କାର୍ଯ୍ୟକ୍ରମ ରହିଥିଲା । ଏହିପରି ଗତ ୨ ଦିନ ହେଲାଣି ଏହାର ନିର୍ମାଣ କରିଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ସଫେଇ ଏବଂ ଅନ୍ୟାନ୍ୟ ସାଜସଜ୍ଜା ବ୍ୟବସ୍ଥା କରାଯାଇଥିଲା । ଏହିପରି ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ପାଇଁ ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ମାନେ ପହଞ୍ଚିଥିଲେ । କିନ୍ତୁ ହଠାତ ସେଠାରେ ଉଦ୍‌ଘାଟନ ସ୍ଥଗିତ ରଖଯାଇଥିବା ନେଇ କିଛି ଉପସ୍ଥିତ କର୍ମଚାରୀ କହିଥିଲେ । କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇଥିଲା । ଶେଷରେ ଉଦ୍‌ଘାଟନର ନିର୍ଦ୍ଧାରିତ ସମୟର ଅଧଘଣ୍ଟା ପରେ ଫୋନ ମେସେଜ୍ ମାଧ୍ୟମରେ ସୂଚନା ଦିଆଯାଇଥିଲା । କିନ୍ତୁ କାରଣ ଅସ୍ପଷ୍ଟ ରହିଛି । ଏଥିନେଇ ଜୟପୁର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ, ମୁଖ୍ୟଅତିଥି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଭୁବନେଶ୍ୱରରୁ ଆସିଥିବା ବିମାନ ବିଳମ୍ବରେ ପହଞ୍ଚିଥିଲା । ଏହିପରି କଟିଆ ଗ୍ରାମପୁଞ୍ଜି ଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାର ରହିଥିବା ଯୋଗୁଁ ମନ୍ତ୍ରୀ ହେଲିକପ୍ଟର ମାଧ୍ୟମରେ ଉକ୍ତ ଗ୍ରାମକୁ ଚାଲିଯାଇଥିଲେ ଏବଂ ସଂଧ୍ୟାରେ କୋରାପୁଟ ଠାରେ ରାଜ୍ୟ ସ୍ତରୀୟ ପରବ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଏହିପରି ପ୍ରଶାସନ ଏହାର ଉଦଘାନ ନେଇ ନିର୍ଦ୍ଧାରିତ ହେବା ପରେ ଉଦ୍‌ଘାଟନ କରାଯିବ ବୋଲି ସୂଚନା ଲୋକ ସମ୍ପର୍କ ଉପଖଣ୍ଡ ଅଧିକାରୀ ଯୋଶଦା ଗାଦବା ସୂଚନା ଦେଇଛନ୍ତି ।

ପ୍ରକାଶଯେ, କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି, କଳାହାଣ୍ଡି ଏବଂ ନୂଆପଡା ଭଳି ୬ଟି ଜିଲ୍ଲାର ରାଜସ୍ୱ ନିରୀକ୍ଷକଙ୍କୁ ତାଲିମ ପାଇଁ ପ୍ରାୟ ୫କୋଟି ଉକୋ ଟଙ୍କାରେ ଏହି ପ୍ରତିଷ୍ଠାନ ଗତ ୨୦୨୧ ମସିହାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହିପରି ୬୦ ବେଡ୍ ବିଶିଷ୍ଟ ପୁରଷ ହଷ୍ଟେଲ ଏବଂ ୪୦ ବେଡ ବିଶିଷ୍ଟ ମହିଳା ହୋଷ୍ଟେଲ ସମେତ ପ୍ରଶାସନିକ ଭବନ ଏବଂ ତାଲିମ କେନ୍ଦ୍ର ରହିଛି । ଏହିପରି ନିର୍ମାଣକାରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଏହାକୁ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା । ଏହିପରି ଗତ ଦୁଇ ବର୍ଷ ମଧ୍ୟରେ ଦୁଇଥର ତୂନ ଦିଆଯାଇଥିଲେ ସୁଦ୍ଧା ଏହାର ଉଦ୍‌ଘାଟନ ପାଇଁ ସରକାର ଓ ପ୍ରଶାସନିକ ଅଧିକାରୀ କୌଣସି ଆନ୍ତରିକତା ଦେଖାଉନଥିବା ଯୋଗୁଁ ଏହାର ଉଦ୍‌ଘାଟନ ଓ କାର୍ଯ୍ୟକାରୀରେ ବିଳମ୍ବ ହେଉଛି ।

# ମାଓବାଦୀ ନିହତ

ମାଲକାନଗିରି, ୧୯ ।୧୨(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ପୁଣି ଏକ ଗୁଳିବିନିମୟ ଘଟଣା ଘଟିଛି । ଯେଉଁଥିରେ ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ହାଡକୋର ମାଓବାଦୀ ପ୍ରାଣ ହରାଇଛି । ସୂଚନା ଅନୁଯାୟୀ



ବିଜାପୁର ଜିଲ୍ଲାର ଭୈରମଗଡ ଥାନା ଅନ୍ତର୍ଗତ ଇନ୍ଦ୍ରାବତୀ ଜଙ୍ଗଲରେ ମାଓବାଦୀ ମାନେ ଲୁଚି ରହିଥିବା ନେଇ ପୁଲିସର ଗୁଇନ୍ଦା ବିଭାଗକୁ ସୁଚନା ମିଳିଥିଲା । ଯାହାକୁ ଆଧାର କରି ଡିଆରଜି ଓ ସିଆରପିଏଫ ବାହିନୀ ପକ୍ଷରୁ ସେଠାରେ ଆରମ୍ଭ ହୋଇଥିଲା ତଲାସୀ ଅଭିଯାନ । ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହେବା ପରେ ମାଓବାଦୀ ମାନେ ଘଟଣା ସ୍ଥଳରୁ ପଳାୟନ କରିଥିଲେ । ଯବାନ ମାନେ ଅଞ୍ଚଳରେ ପୁନଃ ତଲାସି କରିବା ବେଳେ ଘଟଣା ସ୍ଥଳରୁ ଜଣେ ମାଓବାଦୀଙ୍କ ମୃତ ଦେହ ଜବତ କରିଥିଲେ । ମୃତ ମାଓବାଦୀ ଜଣଙ୍କ ଭୈରମଗଡ ଏରିଆ କମିଟି ମେମ୍ବର ଫଗନୁ ମାଡଭି । ତାଙ୍କ ନାମରେ ପୂର୍ବରୁ ଛତିଶଗଡ ସରକାର ପାଞ୍ଚ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ଏହା ସହ ଘଟଣା ସ୍ଥଳରୁ ଗୋଟିଏ ବନ୍ଧୁକ, ଗୋଟିଏ ପିସ୍ତଲ, ରେଡିଓ, ମେଡିକାଲ କିଟ୍, କୋଡେକ୍ସ ତାର ସହ ନକ୍ସଲ କିଟ ବେଗ୍ ଜବତ ହୋଇଛି । ବର୍ତ୍ତମାନ ସୁଦ୍ଧା ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି ବୋଲି ବିଜାପୁର ଏସପି ଜିତେନ୍ଦ୍ର ଯାଦବ କହିଛନ୍ତି ।

# ବିଧାୟକ ପ୍ରତିନିଧି ଚୟନ



କୋଷାଗୁମୁଡା,୧୯।୧୨(ସମିସ): ଆଜି କୋଷାଗୁମୁଡା ବ୍ଲକର ୧୫ଗୋଟି ପଞ୍ଚାୟତର ତଥା ଡାବୁଗାଁ ନିର୍ବାଚନ ମଣ୍ଡଳୀର ବିଧାୟକ ମନୋହର ରନ୍ଧାରୀଙ୍କ ବ୍ଲକ ପ୍ରତିନିଧି ଭାବେ ବିଧାୟକ ଶ୍ରୀ ରନ୍ଧାରୀ ନିଜ ଲେଟର ପେଡ ରେ କୋଷାଗୁମୁଡା ବିଡ଼ିଓଙ୍କୁ ଚିଠି ପ୍ରେରଣ କରିଥିଲେ । ତେବେ ଆଜି ୧୫ଟି ପଞ୍ଚାୟତର ବିଜେଡ଼ି କର୍ମୀ ମାନେ ଏକ ବୈଠକରେ ବସି ଆଟିଗାଁ ପଞ୍ଚାୟତ ସଦରର ଯୁବ କର୍ମୀ ଈଶ୍ୱର ପୂଜାରୀଙ୍କୁ ବିଧାୟକ ପ୍ରତିନିଧି ଭାବରେ ଚୟନ କରିଛନ୍ତି । ବ୍ଲକର ବିଧାୟକ ପ୍ରତିନିଧି ଦାୟିତ୍ୱ ଦେଇଥିବାରୁ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଓ ବ୍ଲକ ଅଧ୍ୟକ୍ଷ ସର୍ବେଶ୍ୱରୀ ମାଝୀଙ୍କୁ ରାଜ୍ୟ ସାଂସଦ ପ୍ରତିନିଧି ବଦ୍ରିନାରାୟଣ ସିଂ ଓ ବ୍ଲକର ସମସ୍ତ ବିଜେଡ଼ି କର୍ମୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ବୈଠକରେ ରାଜ୍ୟ ସାଂସଦ ପ୍ରତିନିଧି ତଥା ବରିଷ୍ଠ ବିଜେଡି କର୍ମୀ ବଦ୍ରିନାରୟଣ ସିଂ ଈଶ୍ୱରଙ୍କୁ ପ୍ରସ୍ତାବ ଦେଇଥିଲେ । ବିଜେଡି ଦଳର ବ୍ଲକ ସଭାପତି ଦସମତ ମାଳି ପ୍ରସ୍ତାବକୁ ଉପସ୍ଥାପନ କରିଥିଲେ । ଏହି ଚୟନ ବୈଠକରେ କୋଷାଗୁମୁଡା ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ହରିବନ୍ଧୁ ମାଝୀ, ତ୍ରିଲୋଚନ ଧାକୋଡ଼, ଦୁମର ପୂଜାରୀ, ବାଲେସ କୋଷ୍ଟା ,ପ୍ରହଲ୍ଲାଦ ଭତ୍ରା, ଅମର ଦାସ, ଉର୍ଦ୍ଧବ ମାଝୀ, ହିମାଂଶୁ ପନକା, ଅନୀଲ ବାଘ, ନର୍ସିଂ ଭତ୍ରା, ଗୁପ୍ତ ପଟନାୟକ, ସାହେବ ଯାନୀ, ଗୌରୀ ଗୁପ୍ତା, ଦୁର୍ଯ୍ୟୋଧନ ଭତ୍ରା, ଟେମନ ପୂଜାରୀ, ଗୋବର୍ଦ୍ଧନ ଗୌଡ଼, ତୁଳସୀ କୋଷ୍ଟା, ହରି ଭତ୍ରା,ଲୋକନାଥ କନ୍ଦପାନ,ହରି ନାୟକ ପ୍ରମୁଖଙ୍କ ସହ ୧୫ଗୋଟି ପଞ୍ଚାୟତର କର୍ମୀ ଉପସ୍ଥିତ ଥିଲେ । ନିଜ ପଦବୀର ମର୍ଯ୍ୟାଦା ସହ ସମାଜସେବା ଓ ଦଳର ଗଠନ ଦିଗରେ କାର୍ଯ୍ୟ କରିବେ ବୋଲି ଈଶ୍ୱର ପୂଜାରୀ କହିଛନ୍ତି ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ

ନନ୍ଦପୁର,୧୯।୧୨(ସମିସ): ନୂତନ ଆଶାର କିରଣ ହୋଇ ଆଦର୍ଶବାନ ହେବାକୁ ପରାମର୍ଶ ଦେବା ସହ ସମାଜସେବାରେ ବ୍ରତୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି କବି ବିଚିତ୍ରା ନନ୍ଦ ପଣ୍ଡା । ନନ୍ଦପୁର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ



ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ନନ୍ଦ ଖରା ଅଧ୍ୟକ୍ଷତା କରିଥିଲେ । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂର୍ଗା ପ୍ରସାଦ ଦୋରା,ସମ୍ମାନିତ ଅତିଥି ପୂର୍ବତନ ଥିବା ଗ୍ରାମ ପଞ୍ଚାୟତ ସରପଞ୍ଚ ସେକ ଗଫୁର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଶିକ୍ଷୟିତ୍ରୀ କୁନ୍ତୀ ମାଝୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଡେପୁଟି ଡାଇରେକ୍ଟର ଚନ୍ଦନ ଦାସ , ଏବିଓ ମମତାଜ ଗମାଙ୍ଗ, ପୂର୍ବତନ ସ୍ୱାସ୍ଥ୍ୟ ପ୍ରତିନିଧି ସୁନିଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ବିଡ଼ିଓ ଶ୍ରୀ ଦୋରାଙ୍କ ଦ୍ୱାରା କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିଲା । ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ଅତିଥମାନେ । ଅଧ୍ୟକ୍ଷ ନନ୍ଦ ଖରା ସ୍ୱାଗତ ଭାଷଣ ସହ ବିଦ୍ୟାଳୟ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରିୟଙ୍କା ଦଳନାୟକ, ବିଭୂଚନ୍ଦନ ପଟ୍ଟନାୟକ, ଭାଗ୍ୟଶ୍ରୀ ପ୍ରଧାନ, ଗିରିଜା ଶଙ୍କର ହୋତା, ସତ୍ୟବ୍ରତ ଅଚାରୀ, ଦିବ୍ୟଶ୍ରି ପ୍ରଧାନ, ସରୋଜ କାନ୍ତ ସାହୁ, ରଞ୍ଜିତ ତିର୍କୀ, ଲକ୍ଷ୍ମୀ ପଟେଲ, ଇମାନିତା ପୁଷ୍ଟି, ଅଜିତ କୁମାର ମଲ, ପୂର୍ବ ପ୍ରୀତ ବୋଷ, ନନ୍ଦ ଶାନ୍ତ, ସୁଧୀର ବେହେରା, ଉପେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**ମଣ୍ଡି ଶୁଭାରମ୍ଭକୁ ବିତିଲାଣି ୩ ଦିନ**

# ଧାନ କିଣୁନାହାନ୍ତି ସରକାର


**➤ ଶୀତ କାକରରେ କମୁଛି ଧାନର ମାନ, ଚିନ୍ତାରେ ଚାଷୀ**

**➤ ସିଏମଆର ଟାର୍ଗେଟ ପୂରଣ କରିପାରିନାହାନ୍ତି ମିଲସ**

ରାୟଗରଳ,୧୯।୧୨(ସମିସ): ରାୟଗଡ଼ା ଜିଲ୍ଲାରେ ଚଳିତ ମାସ ୧୭ ତାରିଖରେ ଚାଷୀ ଓ ପ୍ରଶାସନଙ୍କ ବିବାଦ ମଧ୍ୟରେ ଧାନମଣ୍ଡିର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଜକୁ ତିନିଦିନ ବିତିଯାଇଥିଲେ ମଧ୍ୟ କେଜିଟିଏ ଧାନ କିଣି ପାରି ନାହାନ୍ତି ରାଜ୍ୟ ସରକାର । ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ମଣ୍ଡିରେ ଅଂଶଗ୍ରହଣ କରୁଥିବା ମିଲର୍ସଙ୍କ ସହ ଚୁକ୍ତିନାମା ହୋଇପାରି ନ ଥିବା ଜଣାପଡିଛି । ଏଯାବତ୍ କେବଳ ୩୯ ଜଣ ମିଲର୍ସଙ୍କୁ ଅନୁମୋଦନ ମିଳିଥିବା ଏବଂ ଅଧିକ ୧୯ଜଣଙ୍କ ଅନୁମୋଦନ ପାଇଁ ମୋଟ ୫୮ ଜଣଙ୍କ ମିଲର୍ସଙ୍କ ଚୁକ୍ତିନାମା ପଠାଯାଇଥିବା ବିଭାଗ ପକ୍ଷରୁ ଜଣାପଡିଛି । ଧାନ କିଣିବାକୁ ମଣ୍ଡି ଖୋଲାଯାଇଛି । କିନ୍ତୁ ଧାନ କିଣାଯାଉ ନ ଥିବା ବେଳେ ଦୀର୍ଘ ଦିନ ହେବ ଅମଳ ଧାନକୁ ଖଳାରେ ରଖିଥିବା ଧାନ ଶୀତ କାକର ଯୋଗୁଁ ଆଦ୍ରତା ବୃଦ୍ଧି ପାଉଥିବାରୁ ଏଫଏକ୍ୟୁ ମାନର ଗୁଣାତ୍ମକ ଧାନର ମାନ ହ୍ରାସ ପାଉଥିବା ନେଇ ଚିନ୍ତାରେ ପଡିଛନ୍ତି ଚାଷୀକୁଳ । ମଣ୍ଡି ଶୁଭାରମ୍ଭ ଦିନ ଧାନ ବିକ୍ରୟ କରିବାକୁ ପଞ୍ଜିକୃତ ଅନେକ ଚାଷୀଙ୍କୁ ଟୋକେନ ମିଳି ନ ଥିବାରୁ ପ୍ରଶାସନ ଅଧିକାରୀମାନଙ୍କୁ ହଟହଟା ହେବାକୁ ପଡିଥିଲା । ଅପରପକ୍ଷେ ଓଡିଶା ରାଜ୍ୟ ସମବାୟ ବିଭାଗ ମାଧ୍ୟମରେ ଲ୍ୟାମ୍ପ୍‌ସ ମାନଙ୍କ ଦ୍ୱାରା ଧାନ ସଂଗ୍ରହ ପାଇଁ ଗତ ତିନି ଦିନ ହେଲା ଆମେ ମଣ୍ଡି ଖୋଲି ବସିଛୁ ଏବଂ ଚାଷୀଙ୍କ ନିମନ୍ତେ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ଉପଲବ୍ଧ କରାଯାଇଥିବା ବେଳେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କେଉଁଠି ଅସୁବିଧା ରହିଛି ତାହା ପାଇଁ ସରକାର ଧାନ କିଣି ପାରୁ ନ ଥିବା ଭଳି ସମସ୍ୟା ଉପୁଜୁଥିବା ବେଳେ କେତେ ଜଣ ଚାଷୀ ଟୋକେନ ପାଇଛନ୍ତି ତାହା ମଧ୍ୟ ଆମେ ଜାଣିନାହୁଁ ବୋଲି ଭାରପ୍ରାପ୍ତ ସମବାୟ ସମିତି ସମୂହ ଜିଲ୍ଲା ଉପ ନିବନ୍ଧକ ଜନ୍ମେଜୟ ମହାପାତ୍ର ପ୍ରକାଶ କରିଛନ୍ତି । ଅପରପକ୍ଷେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଦାଶରଥୀ ସୋରେନଙ୍କ ପ୍ରତିକ୍ରିୟା ନେବାରୁ ଗତବର୍ଷ ଦିଆଯାଇଥିବା ଟାର୍ଗେଟ ମଧ୍ୟରେ ଆହୁରି ୭୫ ହଜାର କ୍ୱିଂଟାଲ ବଳକା ଚାଉଳ କିଛି ମିଲର୍ସଙ୍କ ଠାରୁ ମିଳି ନ ଥିବା ବେଳେ ଜିଲ୍ଲାର ୬ଟି ଗୋଦାମରେ ୨ଲକ୍ଷ କ୍ୱିଣ୍ଟାଲ ଚାଉଳ ଏବେ ବି ମହଜୁଦ ରହିଛି । ସରକାରଙ୍କ ନିୟମ ପ୍ରକାରେ ଯେଉଁ ମିଲର୍ସ ଟାର୍ଗେଟ ପୂରଣ କରି ନ ଥିବେ ତାଙ୍କୁ ମଣ୍ଡିରେ ଅଂଶଗ୍ରହଣ କରାଯାଇ ପାରିବ ନାହିଁ ନିୟମ ଥିବାରୁ ଏଥିରେ ଚୁକ୍ତିନାମା କରିବାରେ ବିଳମ୍ବିତା ହେଉଥିବା ଶ୍ରୀ ସୋରେନ କହିଛନ୍ତି । ତେବେ ଚଳିତ ମାସ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଉଳ ଫେରାଇବାର ଶେଷ ଦିନ ସରକାର ଧାର୍ଯ୍ୟ କରିଥିବାରୁ ଯଥାଶୀଘ୍ର ଅନେକ ମିଲର୍ସଙ୍କ ଚୁକ୍ତିନାମା ହେବ ବୋଲି ଆଶା ରଖିଛି ବିଭାଗ ବୋଲି ଜଣାପଡିଛି । ପ୍ରକାଶ ଥାଉ କି ଚଳିତ ବର୍ଷ ଖରିଫ ଅମଳ ଧାନ କ୍ରୟ ନିମନ୍ତେ ୨୧୪୮୬ଜଣ ଚାଷୀ ନିଜ ନାମ ପଂଜୀକୃତ କରିଛନ୍ତି । ଗତବର୍ଷ ୨୧୫୦୪ଜଣ ଚାଷୀ ପଂଜୀକୃତ ହୋଇଥିବା ବେଳେ ୨୧୧୪୬ଜଣ ଯୋଗ୍ୟ ଚାଷୀଙ୍କ ମଧ୍ୟରୁ ୧୮୯୬୩ଜଣ ଚାଷୀଙ୍କ ଠାରୁ ୧୨ଲକ୍ଷ ୨୦ହଜାର ୬୯୫.୪୮ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା । ୧୩ ଲକ୍ଷ ୨୨ହଜାର ୮୦୫.୯୭ କ୍ୱିଣ୍ଟାଲ ଧାନ ଟାର୍ଗେଟ ଦିଆଯାଇଥିଲା । ୧୪ଟି ଲ୍ୟାମ୍ପ୍‌ସ ଅଧିନରେ ୪୩ ଗୋଟି ମଣ୍ଡିରେ ୧୧୧ ଜଣ ମିଲର୍ସ ଅଂଶଗ୍ରହଣ କରିଥିବା ବେଳେ ଧାନ ବିପକ୍ଷରେ ୮ ଲକ୍ଷ ୧୭ ହଜାର ୨୨୭.୫୫ କ୍ୱିଣ୍ଟାଲ କଷ୍ଟମ ମିଲିଂ ଚାଉଳ (ସିଏମଆର) ଟାର୍ଗେଟ ଦିଆଯାଇଥିଲା । ଚଳିତ ବର୍ଷ ଗତ ନଭେମ୍ବର ମାସ ସୁଦ୍ଧା ୫ ଲକ୍ଷ ୮୩ ହଜାର ୫୭୯.୯୮ କ୍ୱିଂଟାଲ (୭୧.୪୧ଧ) ସିଏମଆର ଚାଉଳ ମିଲର୍ସ ମାନେ ଡେଲିଭରି ଦେଇଥିବା ବିଭାଗୀୟ ତଥ୍ୟରୁ ଜଣାପଡିଛି । ତେବେ ବଳକା ସିଏମଆର ଚାଉଳ ଡିସେମ୍ବର ୩୦ତାରିଖ ସୁଦ୍ଧା ମିଲର୍ସମାନେ ଡେଲିଭରି ଦେବାକୁ ସରକାର ଟାର୍ଗେଟ ଦେଇଥିବା ବେଳେ ଅନେକ ମିଲର୍ସ ଚାଉଳ ଦେବାକୁ ପ୍ରସ୍ତୁତ ଥିବା ସ୍ଥଳେ ଜିଲ୍ଲାରେ ଥିବା ୬ଟି ଗୋଦାମରେ ଚାଉଳ ଭରି ରହିଥିବାରୁ ତାହାକୁ ନେଇ ଧାନ ସଂରକ୍ଷିତ ରଖିବା ସ୍ଥାନର ଅଭାବ ମଣ୍ଡି ଉଦଘାଟନ ପରେ ମଧ୍ୟ ଧାନ କ୍ରୟ ହୋଇ ନ ପାରିବା ଏକ ମୁଖ୍ୟ କାରଣ ହୋଇଥିବା ବେଳେ ମିଲର୍ସଙ୍କୁ ମଣ୍ଡି ଟ୍ୟାଗ ଓ ଟାର୍ଗେଟ ମିଳୁ ନ ଥିବାରୁ ଲ୍ୟାମ୍ପ୍‌ସ ଅଧିନସ୍ଥ ମଣ୍ଡିରେ ଧାନ କ୍ରୟ ହୋଇପାରୁ ନ ଥିବା ଜଣାପଡିଛି ।

# ନୂତନ ଥାନାଧିକାରୀଙ୍କ ଯୋଗଦାନ

କୋରୁକୋଣ୍ଡା,୧୯ ।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ସ୍ଥିତ ମାଲକାନଗିରି ସଦର ଥାନା, କୋରୁକୋଣ୍ଡାରେ ନୂତନ ଥାନାଧିକାରୀ



ଭାବେ ଆର ବିଜୟ କୁମାର ଯୋଗ ଦେଇଛନ୍ତି । ପୂର୍ବେ ଥାନାଧିକାରୀ ଭାବେ ହିମାଂଶୁ ଶେଖର ବାରିକ ରହିଥିବା ବେଳେ ତାଙ୍କର ବଦଳି ହୋଇଛି । ବର୍ତ୍ତମାନ ସେ ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିବା ଜଣାପଡିଛି । ନୂତନ ଥାନାଧିକାରୀ ଭାବେ ବିଜୟ କୁମାର ଯୋଗ ଦେବା ପରେ ଆଜି ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ତେବେ ଶ୍ରୀ ବିଜୟ କୁମାର ପୂର୍ବେ ମାଲକାନଗିରି ସ୍ଥିତ ଡିସିଆରବି ବିଭାଗରେ କାର୍ଯ୍ୟରତ ଥିଲେ । ବର୍ତ୍ତମାନ ତାଙ୍କର ବଦଳି କୋରୁକୋଣ୍ଡା ଥାନାକୁ ହୋଇଛି ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ଓ କୁଇଜ୍ ପ୍ରତିଯୋଗିତା

ମୁନିଗୁଡା,୧୯।୧୨(ସମିସ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜିଟିଓ ଠାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ବିଜ୍ଞାନମେଳା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଜୁନିଅର ବିଜ୍ଞାନ ପ୍ରୋଜେକ୍ଟ ପାଇଁ ୧୮ ଜଣ ଛାତ୍ରଛାତ୍ରୀ ଓ ସିନିୟର୍ ବିଜ୍ଞାନ ପ୍ରୋଜେକ୍ଟ ପାଇଁ ୧୨ ଜଣ ଭାଗ ନେଇଥିଲେ । ମେଳାରେ ମୁନିଗୁଡା ପଞ୍ଚାୟତର ସରପଞ୍ଚ ସରସ୍ୱତୀ ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରେସ୍ କ୍ଲବର ସଭାପତି ରାଜୀବ ଲୋଚନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମୁନିଗୁଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଷ ଶବର ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ



ସୁବାଷ ଚନ୍ଦ୍ର ସିଂହ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ପାଠୀ ମଞ୍ଚ ପରିଚାଳନା କରିଥିଲା ବେଳେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ଅନୁପମା ବେହେରା, ସରଧାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପ୍ରଭାକର ବେହେରା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଭୈରବଗଡର ଶିକ୍ଷକ ମହେଶ୍ୱର କରକରିଆ ବିଚାରକ ଭାବେ କାର୍ଯ୍ୟ ତୁଲାଇ ଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶ୍ୱିନୀ ବାରିକ୍, ଆର୍ତ୍ତତ୍ରାଣ ଭୋଇ ପବିତ୍ର ଲିମା, ସୁଶାନ୍ତ ପରିଡ଼ା, ମାନସୀ ମହାନ୍ତି, କମେଲେଶ ଶବର, ଆର ସୁରେଶ ପଟ୍ଟନାୟକ, ବାଲାଜୀ ପଟ୍ଟନାୟକ, ମୋନାଲିଶା ପଣ୍ଡା, ଜାଜ୍ଜ୍ୟୋତି ପ୍ରଧାନ ଓ ଭାଗିରଥି ଧଳ ସହଯୋଗ କରିଥିଲେ । ପ୍ରତିଯୋଗିତାରେ ଜିଟିଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ମୁକେଶ ଦେଉରୀ ଜୁନିଅରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଏଭି ମୁନିଗୁଡାର ଛାତ୍ର ସ୍ୱୟଂସିଧା ଜେନା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଓଏଭି ମୁନିଗୁଡାର ଛାତ୍ରୀ ଯସ୍ମୀନ ପିଡିକାକା ସିନିୟର୍ କୁଇଜ୍‌ରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ସାହିଲ ଟାକିରି ସବଜୁନିୟରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନେ ଆସନ୍ତା ୨୧ ତାରିଖ ଦିନ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଇଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅରୁଣା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଏସପିରେ ସାମିଲ୍ ହେଲେ ଗଙ୍ଗାଧର ପୁଆଲା



ରାୟଗଡ଼ା,୧୯।୧୨(ସମିସ): ରାୟଗଡ଼ା ଜିଲ୍ଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଗୁରୁବାର ବିଏସ୍‌ପିରେ ସାମିଲ ହୋଇଛନ୍ତି । ଦିଲ୍ଲୀ ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ସୁପ୍ରିମୋ ମାୟାବତୀଙ୍କ ଉପସ୍ଥିତିରେ ସାମିଲ ହୋଇଥିବା ଜଣାପଡିଛି । ସେ ସାମିଲ ହେବା ବେଳେ କେନ୍ଦ୍ରୀୟ ସଂଯୋଜକ ଡଃ ଲାଲଜି ମେଧାଙ୍କର, ରାଜ୍ୟ ସଭାପତି ସରୋଜ ନାୟକ, ଜୋନ୍ ପ୍ରଭାରି ଜିତୁ ଜାକାସିକା, ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ଟାକିରି ଉପସ୍ଥିତ ଥିଲେ । ଓଡ଼ିଶାର ଆଦିବାସୀ ମାନଙ୍କୁ ସଂଗଠିତ କରିବାକୁ ମାୟାବତୀ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ଗଙ୍ଗାଧର ।

**● ଏମଭି-୨୬ ଓ ରାଖେଲଗୁଡାରେ କ୍ଷୟକ୍ଷତି ଘଟଣା**

# ସହାୟତା ଯୋଗାଇଲା ନିଖିଳ ଭାରତ ବଙ୍ଗଳା ସମନ୍ୱୟ କମିଟି

ମାଲକାନଗିରି,୧୯ ।୧୨(ସମିସ): ମାଲକାନଗିରି ଜିଲ୍ଲାର ଏମଭି ୨୬ ଗ୍ରାମରେ ଘଟିଥିବା ଜଳାପୋଡା ଘଟଣାରେ ଶତାଧିକ ଘର ପୋଡି ନଷ୍ଟ ହୋଇଥିବା ବେଳେ ଆଜି ଗ୍ରାମରେ ନିଖିଳ ଭାରତ ବଙ୍ଗଳା ସମନ୍ୱୟ ସମିତିର ବସ୍ତର ମଣ୍ଡଳ କର୍ମକର୍ତ୍ତା ଓ ସଦସ୍ୟ ମାନେ ପହଞ୍ଚି ବିଭିନ୍ନ ସହାୟତା ଯୋଗାଇଛନ୍ତି । ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ଯଥାସମ୍ଭବ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଭୟଙ୍କର ଘଟଣାର ଯେପରି ପୁନରାବୃତ୍ତି ନହେଉ ଏବଂ ଏହି ପରିବାର ଗୁଡିକୁ କ୍ଷତିପୂରଣ ପ୍ରଦାନ ପାଇଁ ସରକାରଙ୍କ ନିକଟରେ ନିଖିଳ ଭାରତ ବଙ୍ଗଳା ସମନ୍ୱୟ କମିଟି ଅନୁରୋଧ କରିଛି । ଛତିଶଗଡ଼ର ବସ୍ତର ଅଞ୍ଚଳରୁ ଏହି ସମନ୍ୱୟ ସମିତି ଆସିଥିବା ବେଳେ ଏମାନେ




ରାଖେଲଗୁଡା ଗ୍ରାମକୁ ମଧ୍ୟ ଯାଇ ସେଠାରେ ମୃତ ଲୋକେ ପଡିଆମିଙ୍କ ପରିବାରକୁ ୫୧,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରି ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ ।

# ମାଡ ମାରି ବାଇକ୍ ଲୁଟ୍ ଉଦ୍ୟମ ଅଭିଯୋଗ

ଜୟପୁର,୧୯ ।୧୨(ସମିସ): ଜୟପୁର ସଦର ଥାନାରେ ଜଣେ ଯୁବକଙ୍କୁ ମାଡମାରିବା ସହ ବାଇକ ଲୁଟ ଉଦ୍ୟମ କରିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏଥିନେଇ ପୁଲିସ ତଦନ୍ତ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତକାଲି ଅପରାହ୍ନରେ ସୁବାଶ ସିସା ନିଜ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଗାଗନାପୁର ଛକ ଠାରେ ଦୁଇ ଗିରଫ ଅଭିଯୁକ୍ତ ସାନୁ ବାଦ ଓରଫ ଅମର ଏବଂ ଅମନ ହରିଜନ ସେମାନଙ୍କୁ ବାଇକ୍‌ରେ ନେଇ ଗାଗନାପୁରରେ ଛାଡିଦେବାକୁ କହିଥିଲେ । ଦୁଇଜଣ ବାଇକ୍‌ରେ ବସିଥିଲେ ଏବଂ ଗାଗନାପୁର କାଗଜକଳ ଫାଟକ ସମ୍ମୁଖରେ ଅଭିଯୋଗକାରୀଙ୍କୁ ବାଇକ୍ ଚଳାଇବା ଅବସ୍ଥାରେ ପଛପଟେ ମୁଣ୍ଡକୁ ହାତରେ ବାଡେଇଥିଲେ । ସେ ବାଇକ ରଖିଦେବାକୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ବାଇକ ଚାବି ଛଡାଇବାକୁ ଉଦ୍ୟମ କରିଥିଲେ । କିନ୍ତୁ ଅଭିଯୋଗକାରୀ କୌଣସି ଭାବେ ସେମାନଙ୍କ କବଜାରୁ ଖସି ଆସିଥିଲେ ଏବଂ ଗାଗନାପୁର ପୁଲିସ ଫାଣ୍ଡିରେ ଅଭିଯୋଗ କରିଥିଲେ । ପୁଲିସ ଉଭୟଙ୍କୁ ଫାଣ୍ଡିକୁ ଆଣିଥିଲେ ଏବଂ ଅଭିଯୋଗକାରୀଙ୍କ ଏତଲାକୁ ଭିତ୍ତି କରାଯାଇ ଗିରଫ କରିଥିଲେ ।

# କାଶୀପୁରରେ ଧାନମଣ୍ଡି ଉଦ୍‌ଘାଟିତ

କାଶୀପୁର,୧୯।୧୨(ସମିସ): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଲ୍ୟାମ୍ପ୍‌ସ ପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଲ୍ୟାମ୍ପ୍‌ସ ଶାଖା ପରିଚାଳକ ସନ୍ତୋଷ ଦାସଙ୍କ ପୌରହତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ, ଲ୍ୟାମ୍ପ୍‌ସ ସଭାପତି ମଦନ ମାଝୀ, ନୋଡାଲ ଅଧିକାରୀ ଅକ୍ଷୟ ସାହୁ, ଆରଏମ୍‌ସି କର୍ମଚାରୀଙ୍କ ସହ କାଶୀପୁର ଚାଷୀମାନେ ଯୋଗଦେଇ ଧାନ ମଣ୍ଡିର ଉଦଘାଟନ କରିଥିଲେ । ଏହି ମଣ୍ଡିରେ ପ୍ରତ୍ୟକ ଶୁକ୍ରବାର ଦିନ ଖୋଲାଯାଇ ଧାନ କିଣା ଯିବ ବୋଲି ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ବହୁ ଚାଷୀ ଯୋଗଦେଇଥିଲେ । ଲ୍ୟାମ୍ପ୍‌ସର ସମସ୍ତ କର୍ମଚାରୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ଧାନର ମାନ ନିର୍ଦ୍ଧାରଣ ପାଇଁ ବ୍ୟବହୃତ ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଥିଲା ।



# କୁମୁଡାବାଲିରେ ଖରିଫ ଧାନମଣ୍ଡି ଉଦ୍‌ଘାଟିତ

ମୁନିଗୁଡା,୧୯ ।୧୨(ସମିସ): ମୁନିଗୁଡା ଲ୍ୟାମ୍ପ୍‌ସ ତରଫରୁ ଗତ ଗୁରୁବାର ଦିନ ମୁନିଗୁଡା ଓ ଶୁକ୍ରବାର ଦିନ କୁମୁଡାବାଲି ଠାରେ ଖରିଫ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ମୁନିଗୁଡା ସ୍ଥାନୀୟ ଆରଏମସି ଗୋଦାମ ପରିସରରେ ଓ କୁକୁଡ଼ାବାଲି ମୁନିଗୁଡା ଲ୍ୟାମ୍ପ୍‌ସ ତରଫରୁ ଖରିଫ ଧାନ ମଣ୍ଡିର ଉଦ୍‌ଘାଟନ ହୋଇଥିଲା । ମୁନିଗୁଡା ଲ୍ୟାମ୍ପ୍‌ସର ଏମଡି ଆଦିତ୍ୟ ରଞ୍ଜନ ମହାଙ୍କୁଡ ଓ ଡିଇଓ ମନୋଜ କୁମାର ସାହୁଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଭାବେ ମୁନିଗୁଡା ତହସିଲଦାର ତଥା ମଣ୍ଡି ସୁପରଭାଇଜର ଏମ.ଅନୁରାଧା, ଲ୍ୟାମ୍ପ୍‌ସ ସଭାପତି ମୀନ ସାରକା, ଡାଇରେକ୍ଟର ମନୋରଞ୍ଜନ ସାହୁ, ଶ୍ରୀଦେବୀ ସାହୁକାର, ସୁବାସ ପ୍ରାସ୍କା, ଜାମୀ ମହେଶ୍ୱର ରାଓ, ନୋଡାଲ ଅଫିସର ତଥା ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ କୁମାର ମିଶାଲ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିବା ସହ ଯାନ୍ତ୍ରିକ ସାମଗ୍ରୀ ଗୁଡିକୁ ପୂଜାର୍ଚ୍ଚନା କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । କୁମୁଡ଼ାବାଲି ଠାରେ ମୁନିଗୁଡା ସମବାୟ ସମିତି ପରିଚାଳକ ଆଦିତ୍ୟ ରଞ୍ଜନ ମହାଙ୍କୁଡ ଓ ବ୍ଲକ ଯୋଗାଣ ନିରୀକ୍ଷକ ଆଶିଷ ରଞ୍ଜନ ସାହୁଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଲ୍ୟାମ୍ପ୍‌ସ ସଭାପତି ମୀନକେତନ ସାରକା, ମୁନିଗୁଡା ବିଜେପି ମଣ୍ଡଳ ସଭାପତି ସୁବାସ ଗୌଡ, ଭୀମ ବେହେରାଙ୍କ ସମେତ ଲୋକ ଯୋଗ ଦେଇଥିଲେ । ଚାଷୀଙ୍କ ମଧ୍ୟରେ



ନରସିଂହ ନୁଣ୍ଡରୁକା, ଅଜିତ ଗୌଡ, ଦାସରି ସାରାକା, ମୁକୁନ୍ଦ ମାଝୀ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ । ଲ୍ୟାମ୍ପ୍‌ସର ଏମ୍‌ଡି ଶ୍ରୀ ମହାଙ୍କୁଡ ମଣ୍ଡିର ନିୟମାବଳୀ ଓ ଏହାର କାର୍ଯ୍ୟକାରିତା ଉପରେ ଉ ସଚେତନ କରିଥିଲେ । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଆରଏମସି ୟାର୍ଡମେନ ଶବନ ବାବୁ ଜାମି, କୈଳାଶ ଚନ୍ଦ୍ର ବାଉରୀ, ବୃନ୍ଦାବନ କାଡ୍ରାକା, କ୍ୱାଲିଟି ଆନାଲାଇଜର ସୋନତ କୁମାର ସାହୁ, କୁଞ୍ଜ ବିହାରୀ ରତ୍ନାଲୁ,ଦୀପାଞ୍ଜଳି ନାଲା, ବିଜେପି ମଣ୍ଡଳ ସଭାପତି ସୁବାସ ଗୌଡ, ଭୀମ ବେହେରା, ଭି.ଭାନୁ ଚାଷୀ ଅଜିତ କୁମାର ଗୌଡ଼, ନକୁଳ ମହାନ୍ତି, ବି.ସୁଦର୍ଶନ, ଧାର୍ମାରାଓ ପାତ୍ର, ପୁରୁଷୋତ୍ତମ ସାହୁକାର, ଜଳନ୍ଧର ଚାମ, ପିଣ୍ଟୁ ଗୌଡ଼, ମନୋଜ କୁମାର ଗୌଡ଼ ପ୍ରମୁଖଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ମୁନିଗୁଡା ଲ୍ୟାମ୍ପ୍‌ସର କର୍ମଚାରୀ ଗୋବିନ୍ଦ ଚନ୍ଦ୍ର ଦାସ, ଡିଇଓ କ୍ଷୀରଦ ପାତ୍ର ଓ ଚୁଡ଼ାମଣି ପିଡିକାକାଙ୍କ ସହ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ ।

# ନୀରବଦ୍ରଷ୍ଟା ସାଜିଛି ଟେଲିକମ୍ ବିଭାଗ

କୁଡୁମୁଲୁଗୁମ୍ମା, ୧୯ ।୧୨(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ଗ୍ରାମର ମୁଖ୍ୟ ସଡ଼କ ଠାରୁ ଗୁଣ୍ଡୁରିଗୁଡା ଯିବା ରାସ୍ତା ପାଖରେ ଥିବା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବା କାରଣରୁ କିଛିଦିନ ତଳେ ବିଦ୍ୟୁତ ସରାବରହ ବାଧିତ ହୋଇଥିଲା ଏବଂ ଏହାପରେ ବିଦ୍ୟୁତ ବିଭାଗ ତତ୍ପରତା ଦେଖାଇ ଉକ୍ତ ସ୍ଥାନରେ ନୂତନ ବିଦ୍ୟୁତ ଖୁଣ୍ଟ ବସାଇ ଲାଇନ ସଂଯୋଗ କରିଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଆଜକୁ ୧୦ ଦିନ ବିତିଯାଇଥିଲେ



ମଧ୍ୟ ଲାଇନ ଖୁଣ୍ଟର ତଳଭାଗରେ ଯାଇଥିବା ଟେଲିକମ୍ ବିଭାଗର ବ୍ରଡ୍‌ବ୍ୟାଣ୍ଡ ତାରଟି ପୂର୍ବଭଳି ସେମିତି ରାସ୍ତା ଉପରେ ପଡି ରହିଛି । ଯାହାକୁ ଉପରକୁ ଟେକି ଖୁଣ୍ଟରେ ଲଗେଇବା ପାଇଁ ଟେଲିକମ ବିଭାଗ ତରଫରୁ ଆଦୌ ଉଦ୍ୟମ କରାଯାଇନାହିଁ । ଶହଶହ ଲୋକ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ବେଳେ ହଠାତ୍ କିଛି ଅଘଟଣ ଘଟିବା ନେଇ ସମସ୍ତେ ଚିନ୍ତିତ । ଏ ନେଇ ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କୁ ପଚାରିଲେ କହୁଛନ୍ତି କାମ ହୋଇଯିବ, ଦେଖିବାକୁ ବାକି ରହିଲା ଉକ୍ତ ରାସ୍ତାରେ ପଡ଼ିଥିବା ତାର କେବେ ହଟା ଯାଉଛି ।

